ଶ୍ରୀ ଇର୍ଶାଦ ଅଲ୍ଲୀ ଏବଂ ଅନ୍ୟମାନେ

ବନାମ

ହାଜି ଅବଦୁଲ ସୁଖୁର ମଜୁମଦାର ଏବଂ ଅନ୍ୟମାନେ

ଜୁଲାଇ 7, 1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅର୍ଜନ ଅଧିନିୟମ, 1894:*

*କ୍ଷତିପୂରଣ – ବିଚାରାର୍ଥେ ପ୍ରେରିତ ନ୍ୟାୟଳୟଙ୍କ ଦ୍ୱାରା କ୍ଷତିପୂରଣ ଅଧିନିର୍ଣ୍ଣୟ ବୃଦ୍ଧି – ଉଚ୍ଚ ନ୍ୟାୟଳୟ କ୍ଷତିପୂରଣକୁ ଆହୁରି ବୃଦ୍ଧି କରିଛନ୍ତି – ଉଚ୍ଚ ନ୍ୟାୟଳୟଙ୍କ ଆଦେଶ ସମୀକ୍ଷା ପାଇଁ ଆବେଦନ ଖାରଜ ହୋଇଛି – ଅପିଲ ଉପରେ ଦର୍ଶା ଯାଇଛି, ଯେହେତୁ ପକ୍ଷ ବିଚାରାର୍ଥେ ପ୍ରେରିତ ନ୍ୟାୟଳୟଙ୍କର ରାୟକୁ ଆପତ୍ତି କରିନଥିଲା ଏବଂ ଅଧିନିର୍ଣ୍ଣୟ ଚୂଡ଼ାନ୍ତ ହୋଇଯାଇଛି, ଏହା ଅଧିକ କ୍ଷତିପୂରଣ ପାଇବାକୁ ହକଦାର ନୁହେଁ ।*

ଦେୱାନୀ ଅପିଲିୟ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟାଗୁଡ଼ିକ 4460 ଏବଂ 4461/ 1997 ।

ଆର୍.ଏ. ସଂଖ୍ୟା 1/95 ଏବଂ ଏଫ୍.ଏ. ସଂଖ୍ୟା 8/1989 ରେ ଆସାମ ଉଚ୍ଚ ନ୍ୟାୟଳୟର 8.10.93/12.7.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ସକିଲ୍ ଅହମ୍ମଦ ସୟଦ୍ ।

ଉତ୍ତରଦାତାମାନଙ୍କ ପାଇଁ ବିଜୟ ହଂସାରିଆ, ସ୍ମିତା ଶଙ୍କର ଏବଂ ଏସ୍. କେ. ଜୈନ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା । ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସମୀକ୍ଷା ଆବେଦନ ସଂଖ୍ୟା 1/1995 ରେ ଜୁଲାଇ 12,1996 ତାରିଖର ରାୟ ଏବଂ ଆଦେଶ ଏବଂ ପ୍ରଥମ ଅପିଲ ସଂଖ୍ୟା 8/1989 ରେ ଅକ୍ଟୋବର 8, 1993 ତାରିଖର ମୁଖ୍ୟ ରାୟ ବିରୁଦ୍ଧରେ ଏହି ଅପିଲ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ, ଅପିଲକାରୀ ଅଧିଗ୍ରହଣ କରାଯାଇଥିବା ଜମିର ଏକ ତୃତୀୟାଂଶ ଭାଗ ପାଇବାକୁ ହକଦାର ଅଟନ୍ତି । ଅଧିଗ୍ରହଣ କରାଯାଇଥିବା ଜମିର ମୋଟ ପରିମାଣ ହେଉଛି 10 ବିଘା, 15 ଖାତା, 2 ଛଟାକ ଏବଂ 5 ଗୋଣ୍ଡା । ଜମି ଅଧିଗ୍ରହଣ ଅଧିକାରୀ କ୍ଷତିପୂରଣ ଅଧିନିର୍ଣ୍ଣୟ କରିଥିଲେ ଯାହା ବିରୁଦ୍ଧରେ ପକ୍ଷମାନେ

ଜମି ଅଧିଗ୍ରହଣ ଅଧିନିୟମର ଧାରା 18 ଅନୁଯାୟୀ କ୍ଷତିପୂରଣ ଆଦିର ପୁନଃ ନିର୍ଦ୍ଧାରଣ ପାଇଁ ସନ୍ଦର୍ଭ ମାଗିଥିଲେ । ବିଚାରାର୍ଥେ ପ୍ରେରିତ ନ୍ୟାୟାଳୟ ଏହାର ସେପ୍ଟେମ୍ବର 7, 1988 ତାରିଖର ଅଧିନିର୍ଣ୍ଣୟ ଦ୍ୱାରା କ୍ଷତିପୂରଣ ବୃଦ୍ଧି କରିଥିଲେ ଏବଂ କ୍ଷତିପୂରଣ ଅଧିନିର୍ଣ୍ଣୟ କରିଥିଲେ । ଉତ୍ତରଦାତା ସଂଖ୍ୟା 1ଙ୍କ ଦାବିର ସୀମା, ଯଥା, 3 ବିଘା, 16 କଥା, 1 ଛଟାକ, ଅର୍ଥାତ୍ ସମଗ୍ର ଜମିର ଏକ ତୃତୀୟାଂଶ ପର୍ଯ୍ୟନ୍ତ, ସେ ଜମି ଅଧିଗ୍ରହଣ ଅଧିନିୟମର ଧାରା 54 ଅନୁଯାୟୀ ଏକ ଅପିଲ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣକୁ ବୃଦ୍ଧି କରିଥିଲେ । ଏହା ପରେ, ଅପିଲକାରୀ ଆଦେଶ ସମୀକ୍ଷା ପାଇଁ ଆଦେଶ 47, ନିୟମ 1, ସିପିସି ଅଧୀନରେ ତାଙ୍କ ଆବେଦନ ଦାଖଲ କରିଥିଲେ । ଏହି ପ୍ରସଙ୍ଗ ଏବଂ ମୁଖ୍ୟ ଆଦେଶ ଉପରେ ପୁନର୍ବିଚାର କରିବା ପରେ ଉଚ୍ଚ ନ୍ୟାୟାଳୟ ଏହାକୁ ଖାରଜ କରିଦେଇଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ଦାଖଲ ହୋଇଛି । ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ, ପୂର୍ବରୁ ଉଲ୍ଲିଖିତ, ଜମିର ମୋଟ ପରିମାଣ 10 ବିଘା, 15 କଥା, 2 ଛଟାକ, 5 ଗୋଣ୍ଡା, ଯେଉଁଥିରେ ସ୍ୱୀକାରଯୋଗ୍ୟ ଭାବରେ ଉତ୍ତରଦାତା ସଂଖ୍ୟା 1 ର ଏକ ତୃତୀୟାଂଶ ଅଂଶ ଅଛି, ପ୍ରଥମ ଉତ୍ତରଦାତା ଜମିର ଉପରୋକ୍ତ ପରିମାଣ ପାଇଁ ଅଧିକ କ୍ଷତିପୂରଣ ପାଇଁ ତାଙ୍କ ଦାବି ଛାଡ଼ି ଦେଇଥିଲେ । ଯେହେତୁ ଅପିଲକାରୀମାନେ ବିଚାରାର୍ଥେ ପ୍ରେରିତ ନ୍ୟାୟାଳୟଙ୍କ ରାୟକୁ ଆପତ୍ତି କରିନଥିଲେ ଏବଂ ସେମାନଙ୍କ ଭାଗର ପରିମାଣ ପର୍ଯ୍ୟନ୍ତ ଅଧିନିର୍ଣ୍ଣୟ ଚୂଡ଼ାନ୍ତ ହୋଇଯାଇଛି, ସେମାନେ ଏକ ତୃତୀୟାଂଶ ଭାଗର ପରିମାଣ ପାଇଁ କୌଣସି ଉଚ୍ଚତର କ୍ଷତିପୂରଣ ପାଇବାକୁ ହକଦାର ନୁହଁନ୍ତି ।

ତେଣୁ ଏହି ଅପିଲଗୁଡ଼ିକୁ ଖାରଜ କରିଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.

ଅପିଲଗୁଡ଼ିକ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ